# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 6 September– 2026

# ପଞ୍ଚାୟତ ନିର୍ବାଚନ

ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ୫ ତାରିଖ ସୁଦ୍ଧା ଜନଗଣନା ପ୍ରକ୍ରିୟା ଶେଷ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି । ଗଣମାଧ୍ୟମକୁ ସୂଚନାଦେଇ ଶ୍ରୀ ପାଢ଼ୀ କହିଛନ୍ତି ଏହା ପରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ । ୫ଟି ପର୍ଯ୍ୟାୟରେ ଆସନ୍ତା ମାର୍ଚ୍ଚ କିମ୍ବା ଏପ୍ରିଲ ମାସରେ ପଞ୍ଚାୟତ ନିର୍ବାଚନ ହେବ ବୋଲି ସେ କହିଛନ୍ତି । ପଞ୍ଚାୟତ ନିର୍ବାଚନ ପରେ ମାସେ ଭିତରେ ପୌର ନିର୍ବାଚନ ଅନୁଷ୍ଠିତ ହେବ । ଅକ୍ଟୋବର ୨୪ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଘରକୁଘର ସର୍ଭେ କାର୍ଯ୍ୟ ଅନୁଷ୍ଠିତ ହେବା ପରେ ଫେବୃୟାରୀ ୧୦ତାରିଖ ସୁଦ୍ଧା ଚୂଡାନ୍ତ ଭୋଟର ତାଲିକା ପ୍ରକାସନ ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଥିବା ଶ୍ରୀ ପାଢ଼ୀ କହିଛନ୍ତି ।

# ବିଜେପି କାର୍ଯ୍ୟକାରିଣୀ ବୈଠକ

ପଞ୍ଚାୟତ ସ୍ତରରୁ ସଂଗଠନକୁ ଦୃଢ଼ କରିବା ନେଇ ବିଜେପିର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମତପ୍ରକାଶ ପାଇଛି । କଟକ ଇନ୍‌ଡୋର ଷ୍ଟାଡିୟମଠାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ଦୁଇଦିନିଆ ବୈଠକରେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ବୃଦ୍ଧି ନେଇ କାର୍ଯ୍ୟଖସଡା ପ୍ରସ୍ତୁତ ହୋଇଛି ।

ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏହି ଦୁଇଦିନିଆ ବୈଠକ ଆଜି ଉଦ୍‌ଯାପିତ ହେବ ।

## କନ୍‌ଷ୍ଟେବଲ ନିଯୁକ୍ତି ପ୍ରକ୍ରିୟା

ଓଡ଼ିଶା ପୋଲିସ ଏବଂ ଅନ୍ୟାନ୍ୟ ବିଭାଗ ଅଧୀନସ୍ଥ କନଷ୍ଟେବଲ ସ୍ତରୀୟ ପଦବୀ ଓ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିବା ଓଡ଼ିଶା ୟୁନିଫର୍ମଡ ସେବା କର୍ମଚାରୀ ଚୟନ ଆୟୋଗ କହିଛି । ପୋଲିସ ସେବା ପରୀକ୍ଷା ୨୦୨୪ ସଂକ୍ରାନ୍ତ ପରୀକ୍ଷା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଥିବା ଆୟୋଗ କହିଛନ୍ତି । ନିଯୁକ୍ତି ପ୍ରକ୍ରିୟା ସଂକ୍ରାନ୍ତ ବିସ୍ତୃତ ବିବରଣୀ ତଥା ଅନ୍ୟାନ୍ୟ ନିୟମାବଳୀ ପ୍ରସଙ୍ଗରେ ଖୁବ୍‌ଶୀଘ୍ର ଆବଶ୍ୟକ ସୂଚନା ପ୍ରକାଶ କରାଯିବ ବୋଲି ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର ତାଲିକା ପ୍ରକାଶ ପାଇଛି । ଏଥିରେ ରାଜ୍ୟର ୪ଟି ସହର ସ୍ଥାନିତ ହୋଇଛନ୍ତି । ୩ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ବର୍ଗରେ କଳିଙ୍ଗନଗର ଶିଳ୍ପ ସହର ତଥା ବ୍ୟାସନଗରକୁ ପ୍ରଥମ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଏହି ବର୍ଗରେ ଅନୁଗୁଳ ଦ୍ୱିତୀୟ ଏବଂ ତାଳଚେର ତୃତୀୟ ସ୍ଥାନ ହାସଲ କରିଛି । ୪ଲକ୍ଷରୁ ଅଧିକ ଜନସଂଖ୍ୟା ବର୍ଗରେ ରାଉରକେଲା ପ୍ରଥମ ସ୍ଥାନ ଅଧିକାର କରିଛି । ସ୍ୱଚ୍ଛ ବାୟୁ ଦିବସ ପାଳନ ଅବସରରେ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଏହି ପୁରସ୍କାର ପ୍ରଦାନ

କରାଯିବ । ଦେଶର ମୋଟ୍ ୧୩୨ଟି ସହରକୁ ନେଇ ଏଥିପାଇଁ ସର୍ବେକ୍ଷଣ କରାଯାଇଥିଲା ।

## ବ୍ୟାଙ୍କର୍ସ କମିଟି ବୈଠକ

ଭୁବନେଶ୍ୱରଠାରେ ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ୧୮୪ତମ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜୁଲାଇ ମାସ ସୁଦ୍ଧା ତ୍ରୈମାସିକ କାର୍ଯ୍ୟଦକ୍ଷତା ସମୀକ୍ଷା କରାଯାଇଛି । ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ମାଧ୍ୟମରେ ବ୍ୟାଙ୍କଗୁଡ଼ିକ ଚଳିତ ଆର୍ଥିକ ବର୍ଷର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ଶ୍ରୀ ସିଂହ ପରାମର୍ଶ ଦେଇଛନ୍ତି ।

## ଶିକ୍ଷାଧିକାରୀ ପୁରସ୍କୃତ

ଶିକ୍ଷା ପ୍ରଶାସନକୁ ସୁଦୃଢ଼ କରିବା ଏବଂ ବିଦ୍ୟାଳୟ ଶିକ୍ଷାର ଗୁଣବତ୍ତାକୁ ଉନ୍ନତ କରିବାରେ ଉତ୍କର୍ଷ ପ୍ରତିପାଦନ କରିଥିବା ଦେଶର ବିଭିନ୍ନ ପ୍ରାନ୍ତର ଶିକ୍ଷା ଅଧିକାରୀଙ୍କୁ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି । ନୂଆଦିଲ୍ଲୀସ୍ଥିତ ଜାତୀୟ ଶିକ୍ଷା ପରିଚାଳନା ଓ ପ୍ରଶାସନ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ସମାରୋହରେ ରାଜ୍ୟର ୭ଜଣ ଶିକ୍ଷା ଅଧିକାରୀ ପୁରସ୍କୃତ ହୋଇଛନ୍ତି । ବିଦ୍ୟାଳୟ ଶିକ୍ଷା ପ୍ରଶାସନକୁ ସୁଦୃଢ଼, ନବସୃଜନକୁ ପ୍ରୋତ୍ସାହନ ଏବଂ ଗୁଣାତ୍ମକ ଶିକ୍ଷାଗତ ଫଳାଫଳକୁ ସୁନିଶ୍ଚିତ କରିବାରେ ସରକାରଙ୍କ ପ୍ରୟାସକୁ ଏଭଳି ମାନ୍ୟତା ପ୍ରତିଫଳନ କରୁଛି ବୋଲି

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲ୍ଲା ନାୟକ କହିଛନ୍ତି ।

## ଓଡ଼ିଶା ଇନ୍‌କ୍ୟୁବେଟର

ରାଜ୍ୟର ସ୍ୱୟଂସହାୟକ ଗୋଷ୍ଠୀ ଉଦ୍ୟୋଗୀଙ୍କୁ ଅଣକୃଷି କ୍ଷେତ୍ରରେ ବ୍ୟବସାୟର ବିକାଶ, ନୂତନ ରୋଜଗାର ସୃଷ୍ଟି ଏବଂ ଜୀବିକାକୁ ସୁଦୃଢ଼ କରିବା ପାଇଁ ସରକାର ଓଡ଼ିଶା ଇନ୍‌କ୍ୟୁବେଟର ପଦକ୍ଷେପ ଆରମ୍ଭ କରିଛନ୍ତି । ଏହା ଅଧୀନରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସହାୟତାମୂଳକ ବ୍ୟବସ୍ଥା ପ୍ରଦାନ କରାଯାଇଥାଏ । ଏହି ପଦକ୍ଷେପ ଅଧୀନରେ ମୋଟ୍ ୧୫୦ଜଣ ଉଦ୍ୟୋଗୀଙ୍କୁ ମନୋନୀତ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଆସନ୍ତା ୨୧ ତାରିଖ ସୁଦ୍ଧା ଆବେଦନ କରିବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି । ଆବେଦନ ସଂକ୍ରାନ୍ତ ସମ୍ପୂର୍ଣ୍ଣ ବିବରଣୀ ଓଡ଼ିଶା ଜୀବିକା ମିଶନ, ମିଶନଶକ୍ତି ବିଭାଗ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି ।

## ଚଳଚ୍ଚିତ୍ର ମହୋତ୍ସବ

ଭୁବନେଶ୍ୱରଠାରେ ଜାତୀୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ସାମର୍ଥ୍ୟ-୨୦୨୬ ଗତକାଲି ଆୟୋଜିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଦିବ୍ୟାଙ୍ଗଜନଙ୍କ ପ୍ରତିଭା, ଇଚ୍ଛାଶକ୍ତି ଏବଂ ସଫଳତାକୁ ସମ୍ମାନ ଜଣାଇବା ଲକ୍ଷ୍ୟନେଇ ଚଳଚ୍ଚିତ୍ର ନିର୍ମାତା, ଅଧିକାରୀ, କଳାକାର ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ଏକାଠି ହୋଇଥିଲେ । ମହୋତ୍ସବ ପାଇଁ

୨୦ଟି ଜାତୀୟ ଏବଂ ୪୨ଟି ଆଞ୍ଚଳିକ ସ୍ତରର ମୋଟ୍ ୬୨ଟି ସିନେମା ଦାଖଲ ହୋଇଥିଲା । ସେଥିରୁ ୩୮ଟି ଚଳଚ୍ଚିତ୍ରକୁ ପ୍ରଦର୍ଶନ ପାଇଁ ମନୋନୀତ ହୋଇଥିଲା ।

## ଶ୍ରୀଜୀଉଙ୍କ ବଣଭୋଜି ବେଶ

ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀଠାରୁ ଆରମ୍ଭ ହୋଇଥିବା ଶ୍ରୀକୃଷ୍ଣ ଲୀଳାର ଆଜି ଦଶମୀ ତିଥି ଅବସରରେ ଠାକୁରଙ୍କର ବଣଭୋଜି ବେଶ ଅନୁଷ୍ଠିତ ହେବ । ଗୋପଲୀଳା ସମୟରେ କୃଷ୍ଣ ଓ ବଳରାମ ଗାଇବାଛୁରୀଙ୍କୁ ନେଇ ବଣଭୋଜି ପାଇଁ ଯାଇଥିବାର ପୁରାଣ ବର୍ଣ୍ଣନା ଆଧାରରେ ଠାକୁରଙ୍କର ଏହି ବେଶ ଅନୁଷ୍ଠିତ ହୋଇଥାଏ । ମଧ୍ୟାହ୍ନ ଧୂପ ପରେ ଠାକୁରଙ୍କର ବେଶ ପ୍ରକ୍ରିୟା ଆରମ୍ଭ ହେବ ।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ଆଇନ୍ ଉପରେ ଆଧାରିତ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗତକାଲି ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଆଇନ୍‌ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି ।